# NATIONAL NEWS BULLETIN (ODIA)

## 17 November - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ନାଇଜେରିଆ ରାଷ୍ଟ୍ରପତିଙ୍କ ସହ ଆଜି ଆବୁଜା ଠାରେ ସାକ୍ଷାତ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।
- ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ରରେ ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ଶେଷ ହେବ ପ୍ରଚାର ।
- ଝାନ୍‌ସୀର ମହାରାଣୀ ଲକ୍ଷ୍ମୀବାଈ ମେଡିକାଲ୍ କଲେଜ୍ ଅଗ୍ନିକାଣ୍ଡ ଘଟଣାରେ ଉତ୍ତରପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କଲେ ଜାତୀୟ ମାନବାଧିକାର ଆୟୋଗ ।
- ସମାଜ କଲ୍ୟାଣକୁ ଦୃଷ୍ଟିରେ ରଖି ସୁରିନାମ୍‌କୁ ପ୍ରାୟ ୪୨୫ ଟନ୍ ଖାଦ୍ୟ ସାମଗ୍ରୀ ପଠାଇଲା ଭାରତ ।

ଏବଂ

- ବରିଷ୍ଠ ପୁରୁଷ ଜାତୀୟ ହକି ଚାମ୍ପିୟନସିପ୍ ଟାଇଟଲ ହାସଲ କଲା ଓଡ଼ିଶା ।

# ପିଏମ୍- ନାଇଜେରିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆବୁଜା ଠାରେ ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଦୁଇ ଦିନିଆ ନାଇଜେରିଆ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତ ରାତିରେ ଆବୁଜା ଠାରେ ପହଞ୍ଚିଛନ୍ତି । ୧୭ ବର୍ଷ ପରେ ଭାରତର ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ନାଇଜେରିଆ ଗସ୍ତ । ଦୁଇ ନେତା ଦ୍ୱିପାକ୍ଷିକ ରଣନୈତିକ ଭାଗିଦାରୀର ସମୀକ୍ଷା କରିବା ସହ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିବେ । ଏହି ଆଲୋଚନା ପରେ ଦୁଇ ଦେଶ ମଧ୍ୟରେ କେତେକ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନାଇଜେରିଆ ଭାରତୀୟ ସମ୍ପ୍ରଦାୟ ସମାବେଶକୁ ସମ୍ବୋଧନ କରିବେ । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ ଭାରତ ଓ ନାଇଜେରିଆ ମଧ୍ୟରେ ଅର୍ଥନୈତିକ, ଶକ୍ତି ଏବଂ ପ୍ରତିରକ୍ଷା ସହଯୋଗ ଗତ ୨୦୦୭ ମସିହାରୁ ବୃଦ୍ଧି ପାଇଛି । ୨୦୦ରୁ ଅଧିକ ଭାରତୀୟ କମ୍ପାନୀ ନାଇଜେରିଆରେ ବିଭିନ୍ନ କ୍ଷେତ୍ରରେ ୨୭ ବିଲିୟନ୍ ଡଲାରରୁ ଅଧିକ ନିବେଶ କରିଛନ୍ତି । ଆଫ୍ରିକା ମଧ୍ୟରେ ନାଇଜେରିଆ ଏକ ବଡ଼ ଅର୍ଥନୈତିକ ରାଷ୍ଟ୍ର । ବ୍ରିକ୍ସର ସହଯୋଗୀ ରାଷ୍ଟ୍ର ଭାବେ ନାଇଜେରିଆ ସାମିଲ ହୋଇଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତାକାଲି ନାଇଜେରିରୁ ବ୍ରାଜିଲ୍ ଗସ୍ତରେ ଯିବେ । ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା-ଡା-ସିଲ୍ଭାଙ୍କ ନିମନ୍ତ୍ରଣ କ୍ରମେ ରିଓଡି ଜେନେରିଓ ଠାରେ ଜି-୨୦ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଯୋଗଦେବେ । ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗ ନେଇ ଭାରତର ଆଭିମୁଖ୍ୟ ଏବଂ ଜି-୨୦ ନୂଆଦିଲ୍ଲୀ ଘୋଷଣାନାମା ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିବେ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଜି-୨୦ ସଦସ୍ୟ ରାଷ୍ଟ୍ର ଗୁଡ଼ିକର ନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଗସ୍ତର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁଆନା ଗସ୍ତରେ ଯିବେ ।

## ନିର୍ବାଚନ ପ୍ରଚାର

ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ର ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଆସନ୍ତାକାଲି ଶେଷ ହେବ । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଭୋଟରଙ୍କୁ ପ୍ରାର୍ଥୀଙ୍କ ସପକ୍ଷରେ ଆକୃଷ୍ଟ କରିବା ଲାଗି ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି ଝାଡ଼ଖଣ୍ଡର ଗୋମିଆ, ସିନ୍ଦ୍ରି ଏବଂ ନାଲା ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଜେ.ଏମ୍.ଏମ୍.ର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଆଜି ୬ଟି ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରିବେ । କଂଗ୍ରେସ ପକ୍ଷରୁ ବିଭିନ୍ନ ର୍‍ୟାଲିର ଆୟୋଜନ କରାଯାଇଥିବା ବେଳେ ଆର୍.ଜେ.ଡି. ନେତା ତେଜସ୍ୱୀ ପ୍ରସାଦ ଯାଦବ ଧାନବାଦ୍ ଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଅନ୍ୟମାନଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତା ଶିବରାଜ ସିଂହ ଚୌହାନ, ହିମନ୍ତ ବିଶ୍ୱଶର୍ମା ଏବଂ ଚମ୍ପେଇ ସୋରେନ ପ୍ରମୁଖ ଏନ୍.ଡି.ଏ. ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ ହେବେ ବୋଲି ଜଣାପଡ଼ିଛି ।

ଆସନ୍ତା ୨୦ ତାରିଖରେ ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ରରେ ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଗ୍ରହଣ କରାଯିବ । ୨୩ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

# ମହାରାଷ୍ଟ୍ର ବିଧାନସଭା କ୍ୟାମ୍ପେନ୍

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଅଧିକ ତ୍ୱରାନ୍ୱିତ ହୋଇଛି । ଆମ ସମ୍ବାଦଦାତାଙ୍କ ଠାରୁ ମିଳିଥିବା ଖବର ଅନୁଯାୟୀ 'ମୁଖ୍ୟମନ୍ତ୍ରୀ ମାଝି ଲଡ୍‌କୀ ବହିନ୍' ଯୋଜନା, ସଂରକ୍ଷଣ ନୀତି, କୃଷକଙ୍କ ସମସ୍ୟା ଏବଂ ବେକାରୀ ସ୍ଥିତିକୁ ପାଥେୟ କରି ରାଜନୈତିକ ଦଳ ଗୁଡ଼ିକ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଛନ୍ତି ।

ପ୍ରତୀରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, କଂଗ୍ରେସ ଶାସନ କାଳରେ ବାବା ସାହେବ ଆମ୍ବେଦକରଙ୍କୁ ଉଚିତ୍ ସମ୍ମାନ ପ୍ରଦାନ କରାଯାଇ ନ ଥିଲା । ମୁମ୍ବାଇ, ପାଲଘର ଏବଂ ପୁନେ ଠାରେ ଗତକାଲି ତିନୋଟି ନିର୍ବାଚନୀ ସଭାକୁ ସମ୍ବୋଧନ କରି ସେ ଏହା କହିଛନ୍ତି । ମହାୟୁତି ମେଣ୍ଟକୁ ପୁଣିଥରେ ବହୁମତ ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । କଂଗ୍ରେସର ଜାତିଗତ ଗଣନା ଦାବିକୁ ସମାଲୋଚନା କରି ସେ କହିଛନ୍ତି, ଏହା ମାଧ୍ୟମରେ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି । କେନ୍ଦ୍ର ସରକାର ନାରୀ ଶକ୍ତି ବନ୍ଦନ ଆଇନ୍ ସଂସଦରେ ପାରିତ କରିଛନ୍ତି । ଏହାଦ୍ୱାରା ସଂସଦ ଏବଂ ବିଧାନସଭାରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣର ସୁବିଧା ମିଳିବ ବୋଲି ଶ୍ରୀ ସିଂହ କହିଛନ୍ତି ।

କଂଗ୍ରେସ ନେତା ରାହୁଲ ଗାନ୍ଧି କେତୋଟି ନିର୍ବାଚନୀ ସଭାରେ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରସଙ୍ଗ, ପିଆଜର ଦର ଧାର୍ଯ୍ୟ ପ୍ରସଙ୍ଗକୁ ପାଥେୟ କରି ମହାବିକାଶ ଅଘାଡ଼ି ମେଣ୍ଟ ସପକ୍ଷ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି ।

ସେହିଭଳି ବିଭିନ୍ନ ନିର୍ବାଚନୀ ର୍‍ୟାଲିରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ମୁମ୍ବାଇ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ମହାରାଷ୍ଟ୍ରରେ ବିଭିନ୍ନ ରେଳ ପ୍ରକଳ୍ପ ପାଇଁ ୧ ଲକ୍ଷ ୬୪ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି ।

## ପିଏମ୍ ଏକ୍ ପେଡ୍ ମା’କେ ନାମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ ପେଡ୍ ମା’କେ ନାମ୍ ଅଭିଯାନର ସଫଳତା ନେଇ ଦେଶବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ଏହି ଅଭିଯାନ ଅଧୀନରେ ମା’ଙ୍କ ସମ୍ମାନରେ ଚାରାରୋପଣ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଏହାଦ୍ୱାରା ପରିବେଶ ସୁରକ୍ଷିତ ରହିପାରିବ ବୋଲି ସେ କହିଛନ୍ତି ।

# ଏନ୍‌ଏଚ୍‌ଆର୍‌ସି-ୟୁପି

ଝାନ୍‌ସୀର ମହାରାଣୀ ଲକ୍ଷ୍ମୀବାଈ ମେଡିକାଲ୍ କଲେଜ୍ ଅଗ୍ନିକାଣ୍ଡ ଘଟଣାରେ ଜାତୀୟ ମାନବାଧିକାର ଆୟୋଗ ଏନ୍.ଏଚ୍.ଆର୍.ସି. ଉତ୍ତର ପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଆଧାରରେ ନିଜ ଆଡ଼ୁ ଏହାର ଶୁଣାଣି ଆରମ୍ଭ କରି ଆୟୋଗ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ଏକ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରୁଜୁ ହୋଇଥିବା ମାମଲା, ଏହାର ତଦନ୍ତ ସ୍ଥିତି ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ସମସ୍ତ ତଥ୍ୟ ରିପୋର୍ଟରେ ଉଲ୍ଲେଖ କରିବାକୁ ଆୟୋଗ କହିଛନ୍ତି । ଆହତଙ୍କର ଚିକିତ୍ସା ସ୍ଥିତି, କ୍ଷତିପୂରଣ ପ୍ରଦାନ ଏବଂ ଭବିଷ୍ୟତରେ ଏଭଳି ଘଟଣାକୁ ରୋକିବା ଦିଗରେ ନିଆଯିବାକୁ ଥିବା ପ୍ରସ୍ତାବିତ ପଦକ୍ଷେପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଯୋଗ୍ୟ ଏହି ଅଗ୍ନିକାଣ୍ଡ ଘଟଣାରେ ୧୦ ଜଣ ଶିଶୁଙ୍କର ମୃତ୍ୟୁ ହୋଇଛି ।

# ଇଣ୍ଡିଆ-ସୁରିନାମ

ଭାରତ ସୁରିନାମକୁ ପ୍ରାୟ ୪୨୫ ଟନ୍ ଖାଦ୍ୟଶସ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ପଠାଇଛି । ସମାଜ କଲ୍ୟାଣକୁ ଦୃଷ୍ଟିରେ ରଖି ଭାରତ ପକ୍ଷରୁ ଏହି

ପଦକ୍ଷେପ ଗ୍ରହଣ କରାଯାଇଛି । ସୁରିନାମ ସହିତ ଅତି ଘନିଷ୍ଠ ତଥା ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କ ରହିଛି । ୧୯୭୬ ମସିହାରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ପରେ ଉଚ୍ଚସ୍ତରୀୟ ନେତୃମଣ୍ଡଳୀ ପରସ୍ପର ଦେଶକୁ ଗସ୍ତ କରିଥିଲେ । ୧୯୭୭ ମସିହାରେ ସୁରିନାମର ପାରାମାରିବୋ ଠାରେ ଭାରତୀୟ ଦୂତାବାସ ଖୋଲାଯାଇଥିଲା । ୨୦୦୦ ମସିହାରେ ସୁରିନାମା ନୂଆଦିଲ୍ଲୀରେ ତାର ଦୂତାବାସ ଆରମ୍ଭ କରିଛି ।

# ଇରାକ୍-ମିଲିସିଆ

ଇସ୍ରାଏଲ୍‌ର ଦକ୍ଷିଣ ଏବଂ ଉତ୍ତରାଞ୍ଚଳରେ ହୋଇଥିବା ୫ଟି ଡ୍ରୋନ୍ ଆକ୍ରମଣ ଘଟଣା ନେଇ ଇରାକ୍‌ର ଇସଲାମିକ୍ ସଂଗଠନ ସିଆ-ମିଲିସିଆ ନିଜକୁ ଦାୟି କରିଛି । ଏକ ବିବୃତ୍ତିରେ ଏହି ସଂଗଠନ କହିଛି, ଦକ୍ଷିଣ ଇସ୍ରାଏଲ୍ ଉପରେ ସଂଗଠନ ପକ୍ଷରୁ ୪ଟି ଡ୍ରୋନ୍ ଆକ୍ରମଣ କରାଯାଇଥିଲା । ବନ୍ଦର ସହର ଇଲାତ୍‌ର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଏବଂ ସାମରିକ ସ୍ଥଳକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥିଲା । ତେବେ ପଞ୍ଚମ ଆକ୍ରମଣ ଉତ୍ତର ଇସ୍ରାଏଲ୍‌ର ଏକ ସାମରିକ ସ୍ଥଳୀକୁ ଲକ୍ଷ୍ୟ କରି କରାଯାଇଥିଲା ବୋଲି ସଂଗଠନ କହିଛି । ତେବେ ସେଠାରେ କ୍ଷୟକ୍ଷତି ସମ୍ପର୍କରେ ଅଧିକ ବିବରଣୀ ମିଳିନାହିଁ । ପାଲେଷ୍ଟାଇନ୍ ଏବଂ ଲେବାନନ୍‌ର

ଲୋକଙ୍କୁ ଏକଜୁଟ୍ କରି ଏହି ଡ୍ରୋନ୍ ଆକ୍ରମଣ କରାଯାଇଛି ବୋଲି ସଂଗଠନ ସ୍ପଷ୍ଟ କରିଛି ।

## ଜେକେ-ଏଲ୍‌ଜି ଭିଜିଟ୍

ଜାମ୍ମୁ କାଶ୍ମୀରରେ ଖୁବ୍ ଶୀଘ୍ର ପଞ୍ଚାୟତ ଓ ପୌର ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଉପରାଜ୍ୟପାଳ ମନୋଜ ସିହ୍ନା କହିଛନ୍ତି ।  ଜାମ୍ମୁ ସହରର ଉପକଣ୍ଠରେ ଅବସ୍ଥିତ ଝିରି ଗ୍ରାମରେ ଗତକାଲି ଆୟୋଜିତ ଝିରିମେଳା ପରିଦର୍ଶନ କରିବା ସହିତ ବାବା ଜିତୋଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ସିହ୍ନା କହିଛନ୍ତି, ଏକ ସଶକ୍ତ ଦେଶ ଗଠନ ଦିଗରେ ବାବା ଜିତୋଙ୍କର ତ୍ୟାଗ ସମାଜକୁ ପ୍ରେରଣା ଯୋଗାଉଛି ।  ଝିରିମେଳାର ସମୃଦ୍ଧ ଆଧ୍ୟାତ୍ମିକ ଏକ ସାଂସ୍କୃତିକ ଐତିହ୍ୟ ଉପରେ ଆଲୋକପାତ କରି ସେ କହିଛନ୍ତି, ଏହି ବାର୍ଷିକ ମେଳା' ମାନବ ଜାତିକୁ ପୋଷଣ ଓ ସେବା କରିବା ଦିଗରେ ଚାଷୀ ପରିବାର ଗୁଡ଼ିକର ତ୍ୟାଗ ସମ୍ପର୍କରେ ଆମକୁ ସ୍ମରଣ କରାଇଥାଏ । ଜାମ୍ମୁ କାଶ୍ମୀରରେ କୃଷି କ୍ଷେତ୍ରର ରୂପାନ୍ତରିକରଣ ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ଉପରାଜ୍ୟପାଳ କହିଛନ୍ତି ।

# ନ୍ୟାସନାଲ୍ ହକି ଚାମ୍ପିୟନ୍‌ସିପ୍

ଓଡ଼ିଶା ବରିଷ୍ଠ ପୁରୁଷ ଜାତୀୟ ହକି ଚାମ୍ପିୟନ୍‌ସିପ୍ ଟାଇଟଲ ହାସଲ କରିଛି । ଚେନ୍ନାଇ ଠାରେ ଗତକାଲି ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ହରିଆଣାକୁ ୫-୧ ଗୋଲରେ ପରାସ୍ତ କରିଛି । ଓଡ଼ିଶା ପକ୍ଷରୁ ଆନ୍ତର୍ଜାତିକ ହକି ଖେଳାଳି ଶିଳାନନ୍ଦ ଲାକ୍ରା ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି । ହରିଆଣା ପକ୍ଷରୁ ଜୋଗିନ୍ଦର ସିଂହ ଏକମାତ୍ର ଗୋଲ କରିଛନ୍ତି । ଉତ୍ତରପ୍ରଦେଶ' ମଣିପୁରକୁ ୨-୧ ଗୋଲ୍‌ରେ ପରାସ୍ତ କରି ପ୍ରତିଯୋଗିତାର ତୃତୀୟ ସ୍ଥାନରେ ରହିଛି ।

# ହକି

ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ୨୦୨୪ ହକି ପ୍ରତିଯୋଗିତାରେ ଭାରତ ଆଜି ତାର ଗ୍ରୁପ୍ ପର୍ଯ୍ୟାୟ ଶେଷ ମ୍ୟାଚ୍‌ରେ ଜାପାନକୁ ଭେଟିବ । ବିହାରର ରାଜ୍‌ଗିର୍ ହକି ଷ୍ଟାଡିୟମ୍ ଠାରେ ଅପରାହ୍ଣ ୪ଟା ୪୫ରେ ଏହି ମ୍ୟାଚ୍ ଖେଳାଯିବ । ଅନ୍ୟ ମ୍ୟାଚ୍ ଗୁଡ଼ିକ ମଧ୍ୟରେ ଚୀନ୍-ଦକ୍ଷିଣ କୋରିଆ ଏବଂ ମାଲେସିଆ-ଥଇଲାଣ୍ଡ ମଧ୍ୟରେ ମୁକାବିଲା ହେବ । ଗ୍ରୁପ୍ ପର୍ଯ୍ୟାୟ ପ୍ରତ୍ୟେକ ମ୍ୟାଚ୍‌ରେ ଭାରତ ଏ ପର୍ଯ୍ୟନ୍ତ ଅପରାଜେୟ ରହି ଆସିଛି ।

ଗତକାଲି ଚୀନ୍‌କୁ ୩-୦ ଗୋଲ୍‌ରେ ପରାସ୍ତ କରିଛି । ଏ ପର୍ଯ୍ୟନ୍ତ ୧୨ ପଏଣ୍ଟ ସହ ଭାରତ ତାଲିକାର ଶୀର୍ଷ ସ୍ଥାନରେ ରହିଛି ।

ଅନ୍ୟ ପକ୍ଷରେ ଜାପାନ ଗତକାଲି ତାର ପ୍ରଥମ ବିଜୟ ହାସଲ କରିଛି । ମାଲେସିଆକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି ।